**ଜମିହରାଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ଦାବି**

କୁଜଙ୍ଗ,(ଡି.ଏନ୍.ଏ.): ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ପାଇଁ ଜମି ହରାଇଥିବା ପରିବାରରୁ ଜଣଙ୍କୁ ସେଠାରେ ସ୍ଥାୟୀ ନିଯୁକ୍ତି ଦେବାକୁ କୃଷକ ଏକତା ମଞ୍ଚ ପକ୍ଷରୁ ଦାବି ହୋଇଛି। ଏନେଇ ମଙ୍ଗରାଜପୁର କାଳିମଠରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ରବୀନ୍ଦ୍ର ମାଝୀ, ଉପସଭାପତି କୃତ୍ତିବାସ ସ୍ୱାଇଁ, ସମ୍ପାଦକ ସର୍ବେଶ୍ୱର ସ୍ୱାଇଁ, ସହକାରୀ ସମ୍ପାଦକ ଅଜୟ ବେହେରା ଓ କୋଷାଧ୍ୟକ୍ଷ ଭାବେ ବିଜ୍ଞାନ ମାଝୀଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ଭାବେ ସୁବାସ ମହାପାତ୍ର, ଡା. ଜିନ୍ମୟୀ ସାହାଣୀ ଓ ରବୀନ୍ଦ୍ର ମହାପାତ୍ରଙ୍କୁ ରଖାଯାଇଛି।

## ସଂକ୍ଷେପରେ

### ମିଳୁନାହିଁ ସୂଚନା ଆଇନ ତଥ୍ୟ

**କେନ୍ଦ୍ରାପଡ଼ା ଅଫିସ,୬।୯:** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳୁନାହିଁ। ଏହି ବ୍ଲକ ଅନ୍ତର୍ଗତ ପ୍ରଭାକରପୁର ଗ୍ରାମର ହରେକୃଷ୍ଣ ପାତ୍ର ସୋମବାର ଏପରି ଅଭିଯୋଗ ଆଣି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ହରେକୃଷ୍ଣ କହିଛନ୍ତି, ବଉଳକଣୀ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କେତେକ ତଥ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପାଇବାକୁ ମେ ୩୧ରେ ଆବେଦନପତ୍ର ଦେଇଥିଲି। ଜୁନ୍ ୨ରେ ଏହି ଆବେଦନପତ୍ର ବ୍ଲକକୁ ଦିଆଯାଇଥିବା ଚିଠି ମିଳିଥିଲା। ସମୟ ଅବଧି ମଧ୍ୟରେ ତଥ୍ୟ ନ ମିଳିବାରୁ ପ୍ରଥମ ଅପିଲ ବିଡିଓଙ୍କ ନିକଟରେ ଅଗଷ୍ଟ ୩ରେ କରାଯାଇଥିଲା। ଏ ନେଇ ସେହି ମାସ ୧୩ତାରିଖରେ ଶୁଣାଣି କରାଯାଇ ତୁରନ୍ତ ତଥ୍ୟ ଦେବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ଅଦ୍ୟାବଧି ତଥ୍ୟ ମିଳି ନ ଥିବା ହରେକୃଷ୍ଣ ଅଭିଯୋଗ କରିଛନ୍ତି।

### ମୃତ ଚାଷୀ ପରିବାରଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

**ରାଜକନିକା,୬।୯(ଡି.ଏନ.ଏ.):** ରାଜକନିକା ବ୍ଲକର ହାଟସାହିର ମୃତ ଚାଷୀ ଅମର ଯେନାଙ୍କ ପରିବାରଙ୍କୁ ସୋମବାର ଆଳି ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ଏକ ଭାଜପା ପ୍ରତିନିଧିଦଳ ଭେଟିଛନ୍ତି। ସେମାନେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପାର ବ୍ରଜସୁନ୍ଦର ଭୂୟାଁ, ଜଗନ୍ନାଥ କଂଠ, ସୁବାସ ପାତ୍ର, ତ୍ରୈଲୋଚନ ବେହୁରିଆ, କାର୍ତ୍ତିକ ଚନ୍ଦ୍ର ଦାଶ, ଉମେଶ ଯେନା ଅନୁରାଧା ସାମଲ ପ୍ରମୁଖ ଥିଲେ। କେନ୍ଦ୍ରାପଡ଼ା ଜିଲା କୃଷକ ମୋର୍ଚ୍ଚାର ସଭାପତି ରଣଜିତ ଆଚାର୍ଯ୍ୟ ଜିଲାପାଳଙ୍କୁ ଭେଟି ମୃତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିବେ ବୋଲି କହିଥିଲେ।

### ଘରେ ପଶି ପିସ୍ତଲ ଦେଖାଇ ଡକାୟତି ଉଦ୍ୟମ

**ପାରାଦୀପ,୬।୯(ସ୍ୱ.ପ୍ର.):** ପାରାଦୀପ ଲକଥାନା ଫୁଲବେଲାରୀ ଗାଁରେ ରବିବାର ରାତିରେ ପିସ୍ତଲ ଦେଖାଇ ଡକାୟତି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ମାମଲ (ନଂ.୨୨୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଫୁଲବେଲାରୀ ଗ୍ରାମର କଟକ ପାରାଦୀପ ରାସ୍ତା ପାଖରେ ଓମପ୍ରକାଶ ସାହୁଙ୍କ ପରିବାର ରୁହନ୍ତି। ରାତିରେ ୫ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ଘର ଗେଟ୍ ବାଡେଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ବାଇକ୍ ଷ୍ଟାର୍ଟ କରି ବାହାରେ ରହିଥିଲେ। ଓମପ୍ରକାଶ ଗେଟ୍ ଖୋଲିବା ପରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଆଲମିରା ଚାବି ମାଗିଥିଲେ। ଚାବି ଦେବାରେ ବିଳମ୍ବ ହେବାରୁ ସେମାନେ ପିସ୍ତଲରେ ତାଙ୍କ ମୁଣ୍ଡକୁ ବାଡ଼େଇ ଥିଲେ। ଭୟରେ ସେ ଚାବି ଫୋପାଡ଼ି ଘର ବାହାରକୁ ଆସି ପାଟି କରିଥିଲେ। ପାଟିଶୁଣି ଲୋକ ପହଞ୍ଚିବାରୁ ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। କିନ୍ତୁ କୌଣସି ଜିନିଷ ଚୋରି ହୋଇନ ଥିବା ଅଭିଯୋଗରେ ଦର୍ଶାଯାଇଛି। ମୁଣ୍ଡ ଫାଟି ଯାଇଥିବାରୁ ଓମପ୍ରକାଶଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଯାଜପୁର ସଦର,୬।୯(ଡି.ଏନ୍.ଏ.):** ବରୀ ନିର୍ବାଚନମଣ୍ଡଳୀ ଯାଜପୁର ବ୍ଲକ ଏରବାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହାଣୀଙ୍କ ସୋମବାର ମଧ୍ୟାହ୍ନରେ ତାଙ୍କ ବାସଭବନ ସାହାସପୁରଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୨ପୁଅ, ୩ ଝିଅ ଓ ବନ୍ଧୁ ପରିବାର ଉପସ୍ଥିତ ରହିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପ୍ରଫୁଲ୍ଲଙ୍କ ବିୟୋଗ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଯାଜପୁର ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଅନିଲ ସାହାଣୀ, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, କଂଗ୍ରେସ ଯାଜପୁର ବିଧାନସଭା ପ୍ରାର୍ଥୀ ସନ୍ତୋଷ ନନ୍ଦ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ପାଣିପାଇପ୍ ମିସ୍ତ୍ରିଙ୍କ ଚିହ୍ନଟ ଜରୁରୀ

**କେନ୍ଦ୍ରାପଡ଼ା ଅଫିସ, ୬।୯**

- ଲକ୍ଷେରୁ ଊର୍ଦ୍ଧ୍ୱ ମିସ୍ତ୍ରି ଦେଶ ବିଦେଶରେ
- ତଥ୍ୟ ଅଭାବରୁ ହୋଇପାରୁନି ଯୋଗାଯୋଗ
- ଡାଟାବେସ୍ ସହ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର
- ଓଡ଼ିଆ ଭାଷାଭାଷୀ ୭୦ ଭାଗ



ପଟ୍ଟାମୁଣ୍ଡାଇରେ ଥିବା ଏସ୍ଆଇପିଟି।

ପାଣିପାଇପ ମିସ୍ତ୍ରି ପ୍ରସଙ୍ଗରେ କେନ୍ଦ୍ରାପଡ଼ା ଜିଲା ଆଗୁଆ। ଜିଲାର ଲକ୍ଷେରୁ ଊର୍ଦ୍ଧ୍ୱ କୁଶଳୀ କାରିଗର ଦେଶ ବିଦେଶରେ ଅଛନ୍ତି। ଦି ଇଣ୍ଡିଆନ ପ୍ଲମ୍ବିଂ ସ୍କିଲ୍ କାଉନସିଲର ସର୍ଭେ ଅନୁଯାୟୀ, ଦେଶରେ କାର୍ଯ୍ୟରତ ପାଣିପାଇପ ମିସ୍ତ୍ରିଙ୍କ ମଧ୍ୟରୁ ଓଡ଼ିଆ ଭାଷାଭାଷୀ ୭୦ ଭାଗ। ଏଥିମଧ୍ୟରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ସର୍ବାଧିକ ଅଛନ୍ତି। ତେବେ ଏହି କୁଶଳୀ କାରିଗରଙ୍କ ତଥ୍ୟ ଜିଲା ପ୍ରଶାସନ ନିକଟରେ ନାହିଁ। ଦେଶ ବିଦେଶରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଉଦ୍ଧାର ଅଥବା ସହଯୋଗ ପାଇଁ ଜିଲା ପ୍ରଶାସନ ନାଚାର ଅବସ୍ଥା ଦେଖାଉଛି। ଏମାନଙ୍କ ଡାଟାବେସ୍ ପ୍ରସ୍ତୁତି ସହ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର ଦିଆଗଲେ ଜିଲାବାସୀ ଉପକୃତ ହୋଇପାରିବେ। ଏଥିପାଇଁ ଏମାନଙ୍କ ଚିହ୍ନଟ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ୧୯୪୭ରେ କାଲକାଟା ହାଇକୋର୍ଟରେ ଦିନେଶ ଚନ୍ଦ୍ର ଗୁହା ନାମକ ଜଣେ ବ୍ୟକ୍ତି ଏକ ମକଦ୍ଦମା ଦାଏର କରିଥିଲେ। ଏଥିରେ କଲିକତା ମ୍ୟୁନିସିପାଲିଟିର ଲାଇସେନ୍ସପ୍ରାପ୍ତ ପାଣିପାଇପ ନିଯୁକ୍ତ ହୋଇ ନ ଥିବା ଦର୍ଶାଇ ଓଡ଼ିଶାର ପାଣିପାଇପ ମିସ୍ତ୍ରିଙ୍କୁ ବିରୋଧ କରିଥିଲେ। ତତ୍କାଳୀନ ସମୟରେ ପଟ୍ଟାମୁଣ୍ଡାଇର ଏହି କର୍ମକୁଶଳୀ ମିସ୍ତ୍ରିଙ୍କ ଅଭିଜ୍ଞତା ଆଗରେ ପାଠପଢ଼ା ଡିଗ୍ରୀ ହାର ମାନିଥିଲା। ବାସ୍ତବରେ ୧୯୩୦ରେ କେତେଜଣ ଯୁବକ ବ୍ରିଟିଶ କମ୍ପାନୀରେ ରହି କାର୍ଯ୍ୟ କରୁଥିଲେ। ଦେଶ ବିଭାଜନ ପରେ ଏହି କମ୍ପାନୀରେ ଥିବା ମୁସଲମାନ ସମ୍ପ୍ରଦାୟ ଲୋକ ପୂର୍ବ ପାକିସ୍ତାନକୁ ପଳାଇଯିବା ପରେ କୋଲକାତାରେ ଓଡ଼ିଆ ମିସ୍ତ୍ରିଙ୍କ ଆଧିପତ୍ୟ ବଢ଼ିଥିଲା। ଏପରି କି ୧୯୭୦ରୁ ଅଦ୍ୟାବଧି ଜିଲାର ଏହି କୁଶଳୀ କାରିଗର ଆରବ, କୁଏତ ଆଦି ଦେଶରେ ସର୍ବାଧିକ ଗ୍ରହଣୀୟ ହୋଇଛନ୍ତି। ୨୦୧୦ରୁ ପଟ୍ଟାମୁଣ୍ଡାଇଠାରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲମ୍ବିଂ ଟେକ୍ନୋଲୋଜ (ଏସ୍ଆଇପିଟି) ଆରମ୍ଭ ପରେ କୁଶଳୀଙ୍କ ସଂଖ୍ୟା ଅଧିକ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଜିଲାର ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ, ୨୦୧୧ ଜନଗଣନା ଅନୁଯାୟୀ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସହ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୫,୩୬,୦୨୬ ଜଣଙ୍କ ମଧ୍ୟରୁ ୫୧ ପ୍ରତିଶତ ଜିଲା ବାହାରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୬୭ ଭାଗ ପାଣିପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏହି କୁଶଳୀ ଶ୍ରମିକଙ୍କ ଡାଟାବେସ୍ ନ ଥିବାରୁ ସରକାରୀ ପ୍ରୋତ୍ସାହନ ମିଳିପାରୁନାହିଁ। ପଟ୍ଟାମୁଣ୍ଡାଇର ନରେନ୍ଦ୍ର ରାଉତ କହିଛନ୍ତି, ଏଠାକାର କୁଶଳୀ କାରିଗର ଦେଶ ବିଦେଶରେ ମଧ୍ୟସ୍ଥ, ଠିକାଦାର, ବିଲ୍ଡରଙ୍କ ଜରିଆରେ ପାଣି ପାଇପ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ବହୁ ସମୟରେ ଏହି ଶ୍ରମିକ ନିର୍ଯାତନା ପାଉଥିବା ଖବର ଆସିଥାଏ। ସେହିପରି ଭିସା, ପାସପୋର୍ଟ ଆଦି ସମସ୍ୟା ରହିଛି। ଏହି ସମୟରେ ପ୍ରଶାସନ ପକ୍ଷରୁ ସାହାଯ୍ୟର ଆବଶ୍ୟକତା ଥିବା ବେଳେ ପରିଚୟ ଓ କାର୍ଯ୍ୟସ୍ଥଳର ତଥ୍ୟ ଅଭାବରୁ ଯୋଗାଯୋଗ ସମ୍ଭବ ହେଉନାହିଁ। ଏଥିସହ ଶ୍ରମ ବିଭାଗ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯାଇ ଏକ ଟୋଲ୍ ଫ୍ରି ନମ୍ବର ଦେଲେ ଜିଲା ବାହାରେ ରହୁଥିବା ଶ୍ରମିକଙ୍କ ସମସ୍ୟା କିଛି ପରିମାଣରେ ଲାଘବ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ୨୦୧୯ରେ ଡାଟାବେସ୍ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇଛି। ପାଣିପାଇପ ମିସ୍ତ୍ରି ଅଥବା ଶ୍ରମିକ ଜିଲା ବାହାରକୁ ଯାଉଥିବା ସମୟରେ ଶ୍ରମ ବିଭାଗ କାର୍ଯ୍ୟାଳୟରେ ନିଜର ନାମ ପଞ୍ଜୀକୃତ କରାଇବା ବ୍ୟବସ୍ଥା ହୋଇଛି। ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ ଚାହାପଡ଼ାସ୍ଥିତ ଏସ୍ଆଇପିଟିରୁ ପୁରାତନ ଓ ନୂତନ ଶିକ୍ଷାର୍ଥୀଙ୍କ ପରିଚୟ ମଗାଯାଇଥିବା ଏଡିଏମ୍ ରାଉତ ସୂଚନା ଦେଇଛନ୍ତି।

## ଟାୱାରରୁ ଚୋରି ଅଭିଯୋଗ: ୫ ଗିରଫ

### ୨ ବାଇକ୍, ୬ ବ୍ୟାଟେରି ଜବତ

**ଜଗତ୍‌ସିଂହପୁର ଅଫିସ, ୬।୯**

ଏରସମା ଥାନା ଅନ୍ତର୍ଗତ ପଇଦାରେ ଥିବା ଭାରତୀ ଏୟାରଟେଲ ଟାୱାରରୁ ଗତ ୫ ତାରିଖରେ ବ୍ୟାଟେରି ଚୋରି ହୋଇଥିଲା। ଏ ସମ୍ପର୍କରେ କୁଜଙ୍ଗ ବୋରିଖି ଗାଁର ସୌଭାଗ୍ୟ ରଞ୍ଜନ ବେଉରାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୨୨୦/୨୧) ରୁଜୁ କରି ତଦନ୍ତ କରୁଥିଲା। ଏହି ମାମଲାରେ ପୋଲିସ ସୋମବାର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତିର୍ତ୍ତୋଲ ଥାନା ଭଇଁସିଂ ଗ୍ରାମର ତରେଶ ଦାସ ଓରଫ ସିନୁ, ଜଗନ୍ନାଥପୁରର ସୁନିଲ କୁମାର ରଣା, ଏରସମା ଥାନା ନିମଳର ମଙ୍ଗୁଳି ମଲ୍ଲିକ ଓରଫ ନରେନ୍ଦ୍ର, ଆମ୍ବିକୀର ସ୍ୱରୂପ ଭୂୟାଁ ଓ କୋଠୀର ଅଭୟ କୁମାର ସେଠୀ। ସେମାନଙ୍କଠାରୁ ୨ଟି ବାଇକ୍ ସହ ୬ଟି ୧୨ ଭୋଲ୍ଟ ବ୍ୟାଟେରି ଜବତ କରାଯାଇଛି।

## ମିଶନ ଶକ୍ତି ଗୃହ ନିର୍ମାଣକୁ ମହିଳା ମହାସଂଘର ବିରୋଧ

**ବିରିଡି,୬।୯(ଡି.ଏନ୍.ଏ.)**



ମହାସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ବିରିଡି ବ୍ଲକ ଅନ୍ତର୍ଗତ ବଡିମିରା ପଞ୍ଚାୟତରେ ଏସ୍‌ଏଚ୍‌ଜି ମହାସଂଘର ମହିଳାମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇ କାର୍ଯ୍ୟ ଆରମ୍ଭ ହୋଇଛି । ଏହାକୁ ମହାସଂଘର ସଦସ୍ୟାମାନେ ବିରୋଧ କରିଛନ୍ତି। ଏନେଇ ସେମାନେ ସୋମବାର ବିରିଡି ବିଡିଓ, ସିଡିପିଓ ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଗୃହ ନିର୍ମାଣ ବେଳେ ସେମାନଙ୍କୁ ପଚରାଯାଇ ନାହିଁ। ଏହାକୁ ପଞ୍ଚାୟତର ମଧ୍ୟଭାଗରେ ନିର୍ମାଣ କରା ନ ଯାଇ ଗୋଟିଏ ପାର୍ଶ୍ୱରେ ମନମୁଖିଭାବେ ନିର୍ମାଣ କରାଯାଉଛି। ଫଳରେ ମହାସଂଘରେ ଥିବା ୬୧ ଏସ୍‌ଏଚ୍‌ଜିର ସଦସ୍ୟାମାନେ ନିର୍ମାଣାଧୀନ ମିଶନ ଶକ୍ତିଗୃହକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଦର୍ଶାଇଛନ୍ତି। ବିଶେଷ କରି ପଞ୍ଚାୟତର ଅପରସାହି, ହଳଦିଆପଡା ତେଲିସାହି, ରାଉତସାହି, କମାରସାହି, ଜେନାସାହି ଓ ବିଶ୍ୱାଳସାହିର ଏସ୍‌ଏସ୍‌ଜି ସଦସ୍ୟାମାନେ ଅସୁବିଧାରେ ପଡିବେ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ମହିଳା ମହାସଂଘ ପକ୍ଷରୁ ସଭାନେତ୍ରୀ ଭାନୁପ୍ରିୟା ଭୋଇ, ସମ୍ପାଦିକା ତନୁଲତା ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟାଙ୍କ ପକ୍ଷରୁ ଏହି ଲିଖିତ ଅଭିଯୋଗ କରାଯାଇଛି।

ଏ ସମ୍ପର୍କରେ ବିଡିଓ ହେମନ୍ତ କୁମାର ମହାନ୍ତି କହିଛନ୍ତି, ଯେଉଁଠି ସରକାରୀ ଜାଗା ମିଳିବ, ସେହିଠାରେ ଗୃହ ନିର୍ମାଣ ହେବ ବୋଲି କହିବା ସହ ନିର୍ମାଣ ସମ୍ପର୍କରେ ଜଣାଇବା ଦାୟିତ୍ୱ ସିଡିପିଓଙ୍କର ବୋଲି କହିଛନ୍ତି। ମାତ୍ର ସିଡିପିଓ ଗୌରୀ ଦେଇ କହିଛନ୍ତି, ଏହି କାର୍ଯ୍ୟ ବିଡିଓଙ୍କ ଅଧୀନରେ ହେଉଥିବାରୁ ସେ କିଛି କହିପାରିବେ ନାହିଁ ବୋଲି ମହିଳାମାନଙ୍କୁ ଜଣାଇଛନ୍ତି। ତୁରନ୍ତ ପଞ୍ଚାୟତର ମଧ୍ୟଭାଗରେ ଏହାକୁ ନିର୍ମାଣ ପାଇଁ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

## ପ୍ରତିଶ୍ରୁତି ଅପେକ୍ଷା ପ୍ରୋତ୍ସାହନ ଆବଶ୍ୟକ

### କିନ୍ନର ସଂଘର ଖବରଦାତା ସମ୍ମିଳନୀ

**କେନ୍ଦ୍ରାପଡ଼ା ଅଫିସ, ୬।୯**

ସମାଜରେ ସମ୍ମାନର ସହ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ମାତ୍ର ତୃତୀୟ ଲିଙ୍ଗୀଙ୍କୁ ଏହି ସୁଯୋଗରୁ ବଞ୍ଚିତ କରାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ନାମରେ ପ୍ରତିଶ୍ରୁତି ନ ଦିଅନ୍ତୁ, ବରଂ କିନ୍ନରଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ପ୍ରୋତ୍ସାହିତ କରନ୍ତୁ ବୋଲି କେନ୍ଦ୍ରାପଡ଼ା ଜିଲାର ଶ୍ରୀ ଶ୍ରୀବଳଦେବଜୀଉ କିନ୍ନର ମହାସଂଘ ପକ୍ଷରୁ ଦାବି ହୋଇଛି। ଗୋପଠାରେ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ସୋମବାର ହୋଇଥିଲା। ମହାସଂଘ ସଭାପତି ଏଲିନା ଦାସ କହିଥିଲେ, ରାଜ୍ୟ ସରକାର ୨୦୧୫ ସେପ୍ଟେମ୍ବର ୨୯ରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ରାଜ୍ୟର ୧୪ ହଜାର କିନ୍ନରଙ୍କୁ ସାମିଲ କରାଯିବ ବୋଲି କହିଥିଲେ। ତେବେ ୬ ବର୍ଷ ମଧ୍ୟରେ ଏହି ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ସମାଜରେ ଅବହେଳିତ ହୋଇପଡୁଥିବା ବ୍ୟକ୍ତିଙ୍କୁ ଜାଗା ମିଶନରେ ସାମିଲ କରିବା ସହ ଆବାସ ଯୋଜନା କାର୍ଯ୍ୟକାରୀ କରନ୍ତୁ। ସ୍ୱାସ୍ଥ୍ୟବୀମା, କିନ୍ନର କଲ୍ୟାଣ ବୋର୍ଡ ଗଠନକରି ୬୦ ପ୍ରତିଶତ କିନ୍ନରଙ୍କୁ ପ୍ରତିନିଧିତ୍ୱ ପ୍ରଦାନ, ସରକାରୀ ଚାକିରି, ଶିକ୍ଷା ଓ ନିର୍ବାଚନରେ ୫ ପ୍ରତିଶତ ସଂରକ୍ଷଣ, ସମସ୍ତ ଥାନାରେ ସ୍ୱତନ୍ତ୍ର ସେଲ୍ ଆଦି ଉପସ୍ଥାପନା କରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ୭ ତାରିଖରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ଦାସ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୁମ୍‌କୁମ୍ ବାରିକ, ବନ୍ଦନା ପତି, ଜାଗୃତି ଭୋଇ, ସାଧନା ମହାନ୍ତି, କେଟି କିନ୍ନର, ରଚନା କିନ୍ନର, ସ୍ନେହା କିନ୍ନର ପ୍ରମୁଖ ସାମିଲ ହୋଇଥିଲେ।

## ଶର୍ଟ ସର୍କିଟରୁ ଆମ୍ବୁଲାନ୍ସରେ ନିଆଁ



ନିଆଁ ଲାଗି ଆମ୍ବୁଲାନ୍ସ ପୋଡ଼ିଯାଉଛି।

**କେନ୍ଦ୍ରାପଡ଼ା ଅଫିସ, ୬।୯**

କଟକରୁ ରୋଗୀଙ୍କୁ ଛାଡ଼ି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଆମ୍ବୁଲାନ୍ସ (ଓଡି୦୨ବିକ୍ୟୁ୨୨୯୮)ରେ ସୋମବାର ସହରର ମହିପାଳଠାରେ ନିଆଁ ଲାଗିଯାଇଛି। ଡ୍ରାଇଭର ଓ ଦୁଇ କର୍ମଚାରୀ ସୁରକ୍ଷିତ ଅଛନ୍ତି। ତେବେ ଏହି ଅଗ୍ନିକାଣ୍ଡରେ ଡ୍ରାଇଭର ଓ ରୋଗୀଙ୍କ ସିଟ୍ ଜଳିଯାଇଛି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କ ସୂଚନା ଅନୁଯାୟୀ, ଗାଡ଼ି ଚାଳକଙ୍କ ସିଟ୍ ତଳେ ଥିବା ବ୍ୟାଟେରି କରେଣ୍ଟ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଥିବା ପ୍ରାଥମିକ ସୂଚନା ମିଳିଛି। ଏଠାରୁ ଧୂଆଁ ବାହାରିବାରୁ ଚାଳକ ଓ କର୍ମଚାରୀ ଓହ୍ଲାଇ ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ଦମକଳ ବାହିନୀ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରେ ଏମ୍‌ପି ଅନୁଭବ ମହାନ୍ତି ଏହି ଆମ୍ବୁଲାନ୍ସକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏମ୍‌ପି ପାଣ୍ଠି ଖର୍ଚ୍ଚରେ ହସ୍ତାନ୍ତର କରିଥିଲେ।

## ଆକ୍ସିସ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

**ଆଳି,୬।୯(ଡି.ଏନ.ଏ.)**

ଆଳି ଭୂଇଁପୁର ଛକଠାରେ ଆକ୍ସିସ ବ୍ୟାଙ୍କର ଏକ ନୂତନ ଶାଖା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଶାଖା ପରିଚାଳକ ମନୋଜ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଆଳି ବିଡ଼ିଓ ଦ୍ୱିବେନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାଖା ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଆଳି ତହସିଲଦାର ତପନ ସେନାପତି, ଭୀଷ୍ମ ମହାନ୍ତି, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶାଖା ପରିଚାଳକ ବରାଳ ସୂଚନା ଦେଇ କହିଛନ୍ତି ଯେ, ଅଞ୍ଚଳର ଲୋକମାନେ ଆକ୍ସିସ ବ୍ୟାଙ୍କର ଅନ୍ୟ ଶାଖା ଉପରେ ନିର୍ଭର କରୁଥିବାରୁ ଗ୍ରାହକମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବା ନିମନ୍ତେ ଏହି ଶାଖା ଖୋଲାଯାଇଛି। ଏହି ଶାଖା ରାଜ୍ୟର ୧୮୨ ନମ୍ବର ଶାଖା ବୋଲି ସୂଚନା ଦେଇଛନ୍ତି। ଉତ୍ସବରେ ଆକ୍ସିସ ବ୍ୟାଙ୍କର କ୍ଲଷ୍ଟର ହେଡ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ସର୍କଲ ହେଡ ବିପ୍ଳବ ପଟ୍ଟନାୟକ, ଲିଆବିଲିଟି ହେଡ୍ ସତ୍ୟଜିତ ପୁହାଣ, ସୁଶାନ୍ତ ଆଚାର୍ଯ୍ୟ ଓ ମାନସ ପତି ପ୍ରମୁଖ ଶାଖା ଉଦ୍‌ଘାଟନୀ ସମୟରେ ଉପସ୍ଥିତ ଥିଲେ।

## ଏରସମା ବିପ୍ଳବ ଦିବସ ପାଳିତ

**ଏରସମା,୬।୯(ସ୍ୱ.ପ୍ର.)**

ଏରସମା ବ୍ଲକ ସଦରମହକୁମାସ୍ଥିତ ସ୍ୱାଧୀନତା ସଂଗ୍ରାମ ସ୍ମୃତି ପୀଠ ପରିସରରେ ସୋମବାର ଏରସମା ବିପ୍ଳବ ଦିବସ ପାଳିତ ହୋଇଛି । ସଂକଳ୍ପ ସାମାଜିକ ସଂଗଠନ,ସ୍ୱାଧୀନତା ସଂଗ୍ରାମୀ ସଂଘ ଓ ସଚେତନ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରାଜା ନିରଞ୍ଜନ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ସ୍ୱାଧୀନତା ସଂଗ୍ରାମୀ ସଂଘର ଉପସଭାପତି ସାରଦା ପ୍ରସନ୍ନ ଜେନା, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ସାମାଜିକ କର୍ମୀ ଧୀରେନ୍ଦ୍ର ଚୌଧୁରୀ, ସାହିତ୍ୟିକ କୈଳାସ ଚନ୍ଦ୍ର ପ୍ରଧାନ, ବୃନ୍ଦାବନ ବିହାରୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପଣ୍ଡିତ ନାଗୁ ଚରଣ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏରସମାର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ମରଣିକା ବହ୍ନିଶିଖା ଉନ୍ମୋଚନ କରାଯାଇଥିଲା । ଶେଷରେ ନାଗରିକ ମଞ୍ଚ ସଭାପତି ପ୍ରବୀର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସରକାରୀ ଜମି ଜବରଦଖଲ: ୪ ଜଣଙ୍କୁ ନୋଟିସ

**ଯାଜପୁର ଅଫିସ/ରଗଡି(ଡି.ଏନ.ଏ.),୬।୯**

ସରକାରୀ ଜମି ଓ ଜଳାଶୟଗୁଡ଼ିକୁ ପୋତି ଜବରଦଖଲ କରାଯାଉଛି। କେତେକ ସ୍ଥାନରେ ଦୁର୍ନୀତିଖୋର ରାଜସ୍ୱ କର୍ମଚାରୀମାନଙ୍କୁ ହାତ କରି ସରକାରୀ ଜମିକୁ ନିଜ ନାମରେ ପଟ୍ଟା କରି ନେଇଥିବା ଦେଖିବାକୁ ମିଳୁଛି। ବ୍ୟାସନଗର ତହସିଲ ପଛିକୋଟ ଆରଆଇ ସର୍କଲ ରଗଡ଼ି ଅଞ୍ଚଳକୁ ଉଦାହରଣ ଭାବେ ନିଆଯାଇପାରେ। ରଗଡ଼ି ମୌଜାର ଖାତା ନମ୍ବର ୩୯୧, ପ୍ଲଟ ନମ୍ବର ୨୨୯୩ରେ ୩ ଏକର ୭୦ ଡେସିମିଲ ଜଙ୍ଗଲ କିସମ ଜମି ଉପରେ ଗୋରୁ ନିର୍ଭର କରୁଛନ୍ତି। ଏହି ଜମିକୁ କେତେଜଣ ଜବରଦଖଲ କରି ଅନ୍ୟମାନଙ୍କୁ ବିକ୍ରି କରୁଥିବା ବ୍ୟାସନଗର ତହସିଲଦାରଙ୍କ ନିକଟରେ ପରମାନନ୍ଦପୁର, କଡମା ଗ୍ରାମର ବୈଦ୍ୟନାଥ ରାଉତ, ସୁବାସ ରାଉତ, ଶ୍ରୀଧର ଆଚାର୍ଯ୍ୟ, ରାମଚନ୍ଦ୍ର ରାଉତ, ଅଜୟ ସ୍ୱାଇଁ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାରଙ୍କୁ ପଚାରିବାରେ ୪ ଜଣ ଜବରଦଖଲକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି ବୋଲି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଜବରଦଖଲକାରୀମାନଙ୍କ ଉପରେ ମାମଲା ଦାଏର ହେବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଡାକ୍ତରଙ୍କୁ ଗାଳିଗୁଲଜ, ମାଡ ଅଭିଯୋଗ: ୨ ଗିରଫ

**ପାରାଦୀପ,୬।୯(ସ୍ୱ.ପ୍ର.)**

ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜୁ ମେମୋରିଆଲ ହସ୍ପିଟାଲରେ ସୋମବାର ଜଣେ କର୍ତ୍ତବ୍ୟରତ ଡାକ୍ତରଙ୍କୁ ଗାଳିଗୁଲଜ ଓ ମାଡ଼ ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା (ନଂ.୧୯୬/୨୧) ରୁଜୁ କରି ୨ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି। ସେମାନେ ହେଲେ କ୍ୟାପଟେନ ସତ୍ୟବ୍ରତ ମିଶ୍ର ଓ ପ୍ରକାଶ ବେହେରା। ସନ୍ଧ୍ୟାରେ ଜଣେ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଭିଯୁକ୍ତ ଦ୍ୱୟ ଡାକ୍ତର ରୋନିତ ଅଭିଷେକଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ଚିକିତ୍ସା ଘଟଣାକୁ ନେଇ ବଚସା ଓ ହାତାହାତି ହୋଇଥିଲା।

## କେନାଲରେ ଦଳ, ପାଣିଯିବାରେ ବାଧା

**ପଟ୍ଟାମୁଣ୍ଡାଇ,୬।୯(ସ୍ୱ.ପ୍ର.)**

ଚାଷୀଙ୍କ କ୍ଷେତକୁ ପାଣି ଯିବ। ଆଉ ଫଳିବ ସୁନାର ଫସଲ। ଏଥିପାଇଁ ନିର୍ମାଣ ହୋଇଛି କେନାଲ। ହେଲେ କେନାଲ କେଉଁଠି ଶୁଖିଲା ପଡ଼ିଛି ତ ଆଉ କେଉଁଠି ଏଥିରେ ପୁରୁଷେ ଉଚ୍ଚର ଦଳ ଭର୍ତ୍ତି ହୋଇ ରହିଛି। କେତେକ ସ୍ଥାନରେ ଘାସ ଉଠି ସେଠାରେ କେନାଲ ଥିବା ଭଳି ପ୍ରତୀୟମାନ ହେଉନାହିଁ। ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଉଡିକଣ ଦୋସିଆ କେନାଲରୁ ଲମ୍ବିଥିବା କୋରିଆପଲ୍ଲା ମାଇନର କେନାଲର ଅବସ୍ଥା ତଦ୍ରୂପ। ଏହି କେନାଲକୁ ଦେଖିଲେ ଘାସ ପଡ଼ିଆର ଭ୍ରମ ସୃଷ୍ଟି ହେଉଛି। ଏହି କେନାଲ କାର୍ଯ୍ୟରେ ବାରମ୍ବାର ବିଭାଗ ଅର୍ଥ ଖର୍ଚ୍ଚ କରୁଛି। ହେଲେ ବିଲକୁ ପାଣି ମାଡ଼ି ପାରୁନାହିଁ। ଏଥିଯୋଗୁ କେନାଲ ଉପରେ ନିର୍ଭର କରୁଥିବା ଶତାଧିକ ଏକର ଚାଷଜମି ପଡ଼ିଆ ପଡୁଛି। ଏ ନେଇ ପ୍ରଶାସନଙ୍କଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେନାଲ ଥାଇ ବି ପାଣି ମାଡୁ ନ ଥିବାରୁ ସେମାନେ ହତାଶ ହୋଇ ପଡ଼ିଛନ୍ତି। ଓଉପଦା ପଞ୍ଚାୟତର ଚାଷୀ କୁଞ୍ଜବିହାରୀ ନାୟକ କହିଛନ୍ତି, ଚଳିତ ଋତୁରେ ବର୍ଷା ନ ହେବା କାରଣରୁ ସମ୍ପୂର୍ଣ୍ଣ ରୂପେ କେନାଲ ଉପରେ ନିର୍ଭର କରିଛୁ। କିନ୍ତୁ କେନାଲରେ ଦଳ, ଘାସ ଭର୍ତ୍ତି ହୋଇଯାଇଛି। ତେଣୁ ଟୋପେ ପାଣି ତଳମୁଣ୍ଡ ଯାଏ ଆସୁନାହିଁ। ଏଣୁ ଚଳିତବର୍ଷ ଚାଷ ହୋଇପାରିନାହିଁ। ବିଲ ଶୁଖିଲା ପଡ଼ିଛି। ଏତେ ସବୁ ସମସ୍ୟା ସତ୍ତ୍ୱେ ପ୍ରଶାସନ ଚେଇଁ ଶୋଇଛି। ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ କହିଛନ୍ତି, ସ୍ଥାନୀୟ ଅଞ୍ଚଳବାସୀ ମୁଖ୍ୟତଃ କୃଷି ଉପରେ ନିର୍ଭର କରନ୍ତି। କିନ୍ତୁ ଦୀର୍ଘଦିନ ହେଲା କେନାଲ ସଫା ହୋଇ ନ ଥିବାରୁ ଏହା ପୋତିହୋଇଗଲାଣି। ଏଣୁ ଚାଷ କରି ନ ପାରି ଲୋକେ ଦାଦନ ଖଟିବାକୁ ପଳାଉଛନ୍ତି। ଏ ବାବଦରେ ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଘଟଣାର ଅନୁଧ୍ୟାନ କରି ଦେଖିବୁ। ସମସ୍ୟା ଥିଲେ, ଏହାକୁ ଦୂରକରିବାକୁ ନିହାତି ଭାବେ ପଦକ୍ଷେପ ନେବୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କୁହନ୍ତି, କେନାଲରେ ରୋଟେଶନ ଅନୁଯାୟୀ ପାଣି ଛଡ଼ାଯାଉଛି। ତେଣୁ ବେଳେବେଳେ ରୋଟେଶନ ଭିତରେ ଆସୁ ନ ଥିବା କେନାଲଗୁଡ଼ିକ ଶୁଖିଲା ପଡୁଥାଇପାରେ। କିନ୍ତୁ ବାସ୍ତବ ସମସ୍ୟା ଅନ୍ୟ ପ୍ରକାର। କେନାଲଗୁଡ଼ିକ ସଫା କରାଯାଉ ନ ଥିବାରୁ ଓ ନିୟମିତ ପାଣି ଛଡ଼ାଯାଉ ନ ଥିବାରୁ ଚାଷଜମିକୁ ପାଣି ଯାଉନାହିଁ। ଫଳରେ ଶତାଧିକ ଏକର ଚାଷ ଜମିର ଫସଲ ଶୁଖି ମରିବାକୁ ବସିଲାଣି।



କେନାଲରେ ଦଳ ଭର୍ତ୍ତିହୋଇ ରହିଛି।

**ଶତାଧିକ ଏକର ଜମିର ଧାନ ଫସଲ ଶୁଖି ମରିବାକୁ ବସିଲାଣି**

## ମୁଖ୍ୟମନ୍ତ୍ରୀଙ୍କୁ ଶେଷ ଚିଠି ଲେଖିଲେ ଢିଙ୍କିଆବାସୀ

**କୁଜଙ୍ଗ,୬।୯(ଡି.ଏନ୍.ଏ.)**

ଜଙ୍ଗଲ ଜମି ଅଧିକାର ପାଇଁ ଏରସମା ବ୍ଲକ୍ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ଭୂମିହୀନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଶେଷ ଚିଠି ଦିଆଯାଇଛି। ଏନେଇ ବାଲିକୁଦାର ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କରାଯାଇ ପଡାଗ୍ରାମ ପାଟଣାର ବାଲାଢ଼ିପରେ ଏକ ପ୍ରତିବାଦ ସଭା କରାଯାଇଛି। ଏହି ସଭାରେ କୁହାଯାଇଛି ଯେ, ଢିଙ୍କିଆ ପଞ୍ଚାୟତର ପ୍ରାୟ ୭୦ ଭାଗ ଲୋକ ଭୂମିହୀନ। ସେମାନେ ଜଙ୍ଗଲ ଜମି ଉପରେ ନିର୍ଭର କରି ଚଳୁଥିବା ବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କ ଜମି ଛଡ଼ାଇ ନେବାକୁ ଉଦ୍ୟମ କରାଯାଉଛି। ଏନେଇ ୧୭ ବର୍ଷ ହେବ ପଞ୍ଚାୟତର ଭୂମିହୀନଙ୍କ ପକ୍ଷରୁ ଆନ୍ଦୋଳନ କରାଯାଉଛି। ମାତ୍ର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସେମାନଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଇଛି। ପଞ୍ଚାୟତର ପାଟଣା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଥିବା କହି ଏରସମା ବିଡିଓଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାକୁ ବିରୋଧ କରି ପ୍ରତିବାଦ ସଭାରେ ବିଡିଓଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ୨୦୦୬ ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ କରି ପଞ୍ଚାୟତର ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରିବା ଓ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଏହାସତ୍ତ୍ୱେ ସେମାନଙ୍କ ଦାବି ପ୍ରତି ଦୃଷ୍ଟି ଦିଆ ନଗଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ଅକ୍ଷୟ ଦାସ, ଶାନ୍ତି ସେଠୀ, ଶାନ୍ତି ନାୟକ ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ହେଲମେଟ୍ ଚେକିଂ, ୩୦ ହଜାର ଫାଇନ

**ଦଶପଲ୍ଲା, ୬।୯(ଡି.ଏନ.ଏ.) :** କିଛିଦିନର ନୀରବତା ପରେ ଦଶପଲ୍ଲା ଥାନା ପୋଲିସ ପକ୍ଷରୁ ଦୁର୍ଗାବଜାରଠାରେ ହେଲମେଟ୍ ଆଉ ସିଟ୍ ବେଲ୍ଟ ଚେକିଂ ସୋମବାର କରାଯାଇଥିଲା। ଆଇଆଇସି ଜୟପ୍ରକାଶ ପରିଡା ଓ ସେକେଣ୍ଡ ଅଫିସର ଚକ୍ରଧର ସିଂ ଅନ୍ୟ ଷ୍ଟାଫ୍‌ମାନଙ୍କୁ ନେଇ ଚେକିଂ କରିଥିଲେ। ୩୦ଜଣଙ୍କୁ ପୋଲିସ ଧରି ସେମାନଙ୍କଠାରୁ ମୋଟ ୩୦ହଜାର ଟଙ୍କା ଜରିମାନା ଆଦାୟ କରିଛି। ଭବିଷ୍ୟତରେ ଦ୍ୱିତୀୟ ଥର ଭୁଲ ନ କରିବାକୁ କହି ଛାଡି ଦିଆଯାଇଛି। ଏହି ଚେକିଂ ଯୋଗୁ ବହୁ ଅମାନିଆ ଘରକୁ ଯାଇ ହେଲମେଟ୍ ଆଣିବାକୁ ବାଧ ହୋଇଛନ୍ତି। ପୋଲିସର ଏଭଳି କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯିବା ସହ ମଝିରେ ମଝିରେ ଏହାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରଛନ୍ତି।

### ଅବିଶ୍ରାନ୍ତ ବର୍ଷା, ଜନଜୀବନ ପ୍ରଭାବିତ

**ଖଣ୍ଡପଡ଼ା, ୬।୯ (ସ୍ୱ.ପ୍ର.):** ଲଘୁଚାପ ପ୍ରଭାବରେ ରବିବାର ମଧ ରାତ୍ରରୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଚାଷୀଙ୍କ ମୁହଁରେ ହସ ଆଣି ଦେଇଛି। ପାହାଡିଆ ଓ ଜଳକିଷ୍ଟ ଅଞ୍ଚଳ ସମେତ ଡିପ ଜମିଗୁଡିକରେ ଧାନ ଫସଲ ସୁଧୁରି ଯିବାର ସମ୍ଭାବନା ଦେଖାଦେଇଛି। ଖଣ୍ଡପଡା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ, ଆମ୍ବନାଳ, କୁଆଁରିଆ, ଡ଼ାହୁକା, ଲୁଣିଝରା ପ୍ରଭୃତି ନଦୀରେ ବର୍ଷା ପାଣି ଦୁଇକୂଳ ଖାଇ ପ୍ରବାହିତ ହେଉଛି। ସୁନାମୁହିଁ, ସିଂଘାପଡା ନିକଟସ୍ଥ ମୋଡାନାଳ ଓ କୋସକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକରେ ଜଳଧାରଣା କ୍ଷମତା ବୃଦ୍ଧି ପାଇଛି। ସେହିପରି କଣ୍ଟିଲୋ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଛି।

### ପୂଜାରୀଙ୍କ ବିୟୋଗରେ ଶୋକସଭା



**ଖଣ୍ଡପଡ଼ା,୬।୯(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତସ୍ଥ ଫକୀର ଅତବୁଦ୍ଧିପାଟଣା ଗାଁର ଇଷ୍ଟ ଠାକୁର ବରୁଣଦେବଙ୍କ ପୂଜାରୀ ସୁବ୍ରତ କୁମାର ମିଶ୍ର(୪୧)ଙ୍କ ବିୟୋଗରେ ସ୍ଥାନୀୟ ବାସିନ୍ଦା ଶୋକପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସାହି ସଭାପତି ସୁରେଶ ଚନ୍ଦ୍ର ଦଳେଇଙ୍କ ଅଧକ୍ଷତାରେ ସ୍ଥାନୀୟ ଦୁର୍ଗାମଣ୍ଡପରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗାଁର ଦୟାନିଧି ବେହେରା, ସମ୍ପାଦକ ଶତ୍ରୁଘ୍ନ ବେହେରା, ପ୍ରମୋଦ କୁମାର ଦଳେଇ, ହରିହର ନାୟକ, ହରିହର ଦଳାଇ, ରବୀନ୍ଦ୍ର କୁମାର ବେହେରା, ସହଦେବ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ମୃତ ମିଶ୍ରଙ୍କ ବାପା, ଜେଜେ ବାପା ଅମଳତରୁ ବଂଶାନୁକ୍ରମେ ପୂଜା କରି ଆସୁଥିଲେ। ସେ ଜଣେ କ୍ରିକେଟ ଖେଳାଳି ଭାବେ ଜଣାଶୁଣା ଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

# ଡେଙ୍ଗୁ, ମ୍ୟାଲେରିଆକୁ ଆମନ୍ତ୍ରଣ

- ଡ୍ରେନ ନିର୍ମାଣ କରୁନି ପୂର୍ତ୍ତ ବିଭାଗ
- ରାଜପଥ କଡ଼ରେ ପାଣି ଜମି ସୃଷ୍ଟି ହେଲାଣି ନର୍ଦ୍ଦମା

**ନୟାଗଡ ଅଫିସ,୬।୯**



ଶ୍ରୀବିହାର ଅଞ୍ଚଳରେ ଡ୍ରେନ୍ ନ ଥିବାରୁ ଆବର୍ଜନା ଜଳ ଜମି ରହିଛି।

ନୟାଗଡ଼ ଜିଲା ଦେଇ ଯାଇଥିବା ୨୪ ନମ୍ବର ରାଜ୍ୟ ରାଜପଥର ପୁନରୁଦ୍ଧାର ହେଉଛି। ହେଲେ ଏହାର ଉଭୟପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଉନାହିଁ। ଏଣୁ ରାସ୍ତା କଡରେ ଅପରିଷ୍କାର ଜଳ ଜମି ନର୍ଦ୍ଦମା ହୋଇ ସାରିଲାଣି। ନର୍ଦ୍ଦମା ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପରିମଳ ଏବଂ ପରିବେଶ ପ୍ରଦୂଷିତ ହୋଇ ଡେଙ୍ଗୁ ଓ ମ୍ୟାଲେରିଆ ରୋଗକୁ ଆମନ୍ତ୍ରଣ କରୁଛି।

ନୟାଗଡ଼ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ବଢୁଥିଲେ ମଧ ଏହାର ନିରାକରଣ କରାଯାଉନାହିଁ। ସହର ପରିମଳ ବ୍ୟବସ୍ଥା ନୟାଗଡ଼ ମ୍ୟୁନିସିପାଲଟି ହାତରେ ରହିଥିବା ବେଳେ ମୁଖ୍ୟରାସ୍ତା କଡର ଡ୍ରେନ ନିର୍ମାଣ କାମ ପୂର୍ତ୍ତ ବିଭାଗ ଦାୟିତ୍ୱରେ ରହିଛି। ମାତ୍ର ଦୁଇ ବିଭାଗର ଖାମଖିଆଲ ମନଭାବ ତଥା ସମନ୍ୱୟର ଅଭାବ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ନୟାଗଡ଼ ଓଡ଼ଗାଁ ରାସ୍ତାର ନୟାଗଡ଼ଠାରୁ ଲେଙ୍କୁଡ଼ିପଡ଼ା ଛକ ପର୍ଯ୍ୟନ୍ତ ନୟାଗଡ଼ ମ୍ୟୁନିସିପାଲଟିରେ ରହିଛି। ଏଠାକାର ଅଞ୍ଚଳ ଦେଇ ୨୪ ନଂ. ରାଜ୍ୟ ରାଜପଥ ଅତିକ୍ରମ କରିଛି। ରାଜପଥର ଉଭୟପାର୍ଶ୍ୱରେ କେତେକ ସ୍ଥାନରେ ଅଧାପନ୍ତରିଆ ଓ ଅନ୍ୟ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ଆଦୌ ନାହିଁ। ନୟାଗଡ଼ କଲେଜଠାରୁ କୋଏନା ଢାବା ପର୍ଯ୍ୟନ୍ତ ଡ୍ରେନ ଥିଲେ ମଧ ଏହା କାମରେ ଲାଗୁନି। ଏଭଳିସ୍ଥଳେ କୋଏନା ଢାବାଠାରୁ ଆରମ୍ଭ କରି ବାରମାସୀ ଲେନ, ଶ୍ରୀବିହାର, ଅରବିନ୍ଦନଗର, ମଧୁସୂଦନ ନଗର ଆଦିରୁ ନିଷ୍କାଷିତ ହେଉଥିବା ବର୍ଜ୍ୟ ଜଳ ମୁଖ୍ୟ ରାସ୍ତା କଡ଼ରେ ଜମି ରହି କୃତ୍ରିମ ଜଳାଶୟ ତଥା ନର୍ଦ୍ଦମାରେ ପରିଣତ ହେଉଛି। ଯାହାକି ମଶା, ମାଛି ସଂଖ୍ୟା ବୃଦ୍ଧି କରି ଡେଙ୍ଗୁ, ମ୍ୟାଲେରିଆ ଓ ଝାଡାବାନ୍ତି ପରି ରୋଗ ସୃଷ୍ଟି କରୁଛି। ଏ ସବୁ ଅଞ୍ଚଳରେ ଜିଲାର ପ୍ରମୁଖ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ହଷ୍ଟେଲ ତଥା ବ୍ୟବସାୟିକ ପ୍ରତିଷ୍ଠାନମାନ ରହିଛି। ପୁଣି ଏ ରାସ୍ତା ଦେଇ ମନ୍ତ୍ରୀ, ବିଧାୟକ, ଜିଲାସ୍ତରୀୟ ଅଧିକାରୀ ଓ ପଦଧିକାରୀ ଯାତାୟାତ କରିଥାନ୍ତି। ଏହି ରାସ୍ତା ଅତିକ୍ରମ କଲେ ଶରଣକୁଳର ପ୍ରସିଦ୍ଧ ଲଡୁବାବାଙ୍କ ମନ୍ଦିର, ଓଡ଼ଗାଁ ରଘୁନାଥ ମନ୍ଦିର ପରି ବହୁ ପର୍ଯ୍ୟଟନ ସ୍ଥଳି ରହିଛି। ନୟାଗଡ଼ କଲେଜଠାରୁ ଲେଙ୍କୁଡ଼ିପଡ଼ା ଛକ ପର୍ଯ୍ୟନ୍ତ ଏକ ପ୍ରମୁଖ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଅନେକ ଲୋକଙ୍କର ସର୍ବଦା ଚଳପ୍ରଚଳ ରହିଥାଏ। ତେବେ ଏ ନେଇ ସହରବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କୌଣସି ସୁଫଳ ମିଳିପାରୁନାହିଁ। ଏହାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଏ ନେଇ ବିରାଟ ଜନ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଏନେଇ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ଧରଙ୍କୁ ପଚାରିବାରେ ରାଜ୍ୟ ରାଜପଥ ୨୪ନଂ. କଡରେ ଡ୍ରେନ ନିର୍ମାଣ ପାଇଁ ଅନୁଦାନ ଆସିଛି। ନୟାଗଡ଼ ସହରାଞ୍ଚଳ ଅଞ୍ଚଳରେ ଖୁବ୍‌ଶୀଘ୍ର ଡ୍ରେନ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ପର୍ଯ୍ୟଟନପୀଠ ମୁଖ୍ୟ ରାସ୍ତା ବିପଦସଙ୍କୁଳ

**ଖଣ୍ଡପଡ଼ା,୬।୯(ସ୍ୱ.ପ୍ର.)**

ନୟାଗଡ଼ ଜିଲାର ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନ ପୀଠକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରତି ବିପଦ ସଙ୍କୁଳ ହୋଇପଡିଛି। ବିଶେଷ କରି ନୟାଗଡ ଓ କଟକ ଜିଲା ସୀମାନ୍ତରେ ଅବସ୍ଥିତ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟନ କ୍ଷେତ୍ରକୁ ପଡିଥିବା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ତେବେ ସିଧାମୂଳା ହାଇସ୍କୁଲ ନିକଟ ବାଲିଘାଟକୁ ସଂଯୋଗ କରୁଥିବା ରାଜକିଆରୀ–ସିଧାମୂଳା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ମଧ ଭାଗରେ ଖାଲ ସୃଷ୍ଟି ହୋଇ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ତେବେ ଗତ ୨ଦିନ ଧରି ଲାଗି ରହିଥିବା ଲଘୁଚାପ ଜନିତ ବର୍ଷା ଫଳରେ ରାସ୍ତା ସାରା ବର୍ଷାଜଳ ପ୍ରବାହିତ ହୋଇ ରାସ୍ତାରେ ଥିବା ଖାଲଖମା ନଜରକୁ ଆସିପାରୁ ନାହିଁ। ଫଳରେ ଏହି ଖାଲ ଅଜଣା ଗାଡି ଚାଳକ ପାଇଁ ବିପଦ ସୃଷ୍ଟି କରିଛି। ତେବେ ସୋମବାର ଅପରାହ୍ନରେ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବା ବେଳେ ବଡମ୍ବା ଅଞ୍ଚଳକୁ ଏହି ରାସ୍ତା ଦେଇ ବାଇକ୍ ଯୋଗେ ଯାଉଥିବା ଜଣେ ଯୁବକ ଖାଲରେ ପଡି ଦୁର୍ଘଟଣା ଗ୍ରସ୍ତ ହେବା ସହ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ମଧ କୌଣସି ସୁଫଳ ମିଳି ନ ଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ଗଣିଆ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ ନାୟକଙ୍କୁ ପଚାରିବାରେ ବର୍ଷା କମିଲେ ଶୃଙ୍ଖଳା ପାଗ ସମୟରେ ସମ୍ପୃକ୍ତ ରାସ୍ତାର ମରାମତି କରାଯିବ ବୋଲି ସେ କହିଛନ୍ତି।

**ଖାଲରେ ପଡ଼ି ବାଇକ ଚାଳକ ଗୁରୁତର**



ରାଜକିଆରୀ– ସିଧମୂଳା ପୂର୍ତ୍ତ ବିଭାଗ ରାସ୍ତାରେ ଖାଲ।

# ପ୍ରଧାନମନ୍ତ୍ରୀ ଆବାସ, ଗୁହାଳ ଯୋଜନାରୁ ବଞ୍ଚିତ

**ଖଣ୍ଡପଡ଼ା,୬।୯(ସ୍ୱ.ପ୍ର.)**



ନୁଆଁଣିଆ ଚାଳ ଘର ସମ୍ମୁଖରେ ଜୟନ୍ତୀ ମାଣିଆ।

ଦାରିଦ୍ର୍ୟର ସୀମାରେଖା ତଳେ ବସବାସ କରୁଥିବା ପ୍ରତ୍ୟେକ ଗରିବ ପରିବାରଙ୍କୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ହେଲେ ଏହି ଯୋଜନାରୁ ବାଦ ପଡିଛନ୍ତି ଖଣ୍ଡପଡା ବ୍ଲକ ଅନ୍ତର୍ଗତ ରାଣୀପଡା ପଞ୍ଚାୟତର ଜଣେ ମହିଳା ଜୟନ୍ତୀ ମାଣିଆ। ବାରମ୍ବାର ଆବେଦନ ଓ ନିବେଦନ କରିବା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଜଣେ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ। ନୁଆଁଣିଆ ଚାଳ ଛପର ଓ ଝାଟି ମାଟି ଘରେ ବାସ କରୁଥିବା ରାଣୀପଡା ଗ୍ରାମର ଜୟନ୍ତୀ ୪ବର୍ଷ ଧରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବାକୁ ଆବେଦନ କରି ନିରାଶ ହେବା ପରେ ଏବେ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଜୟନ୍ତୀ ଜଣେ ଗରିବ ଶ୍ରେଣୀର। ଗୋପାଳନ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ଏହି ପରିବାର ଅତ୍ୟନ୍ତ ଦୁଃଖକଷ୍ଟରେ ଦିନ କାଟୁଥିବା ସ୍ଥାନୀୟ ବାସିନ୍ଦାଙ୍କଠାରୁ ଜଣାପଡିଛି। ଏପରି କି ଆଦର୍ଶ ଗୁହାଳ ଯୋଜନାରେ ମଧ ତାଙ୍କୁ ଗୁହାଳ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଣୀପଡା ପଞ୍ଚାୟତରେ ଅନେକ ଥିଲା ବାଲା ବ୍ୟକ୍ତି ବିଶେଷଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯେଜନାରେ ଗୃହ ଯୋଗାଇ ଦିଆଯାଇଥିବା ଅଭିଯୋଗ ହେଉଛି। ଏଥିପ୍ରତି ଖଣ୍ଡପଡା ବିଡିଓ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ଅରୁଣୀମା ସାହୁଙ୍କୁ ପଚାରିବାରେ ଏ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

### ୨ବର୍ଷ ବିତିଲା, ଶ୍ରୀନୀଳମାଧବ ମନ୍ଦିର ପରାମର୍ଶ କମିଟି ଗଠନ ନୋହିଲା

**ଖଣ୍ଡପଡ଼ା,୬।୯(ସ୍ୱ.ପ୍ର.)**

ଖଣ୍ଡପଡା ଦେବୋତ୍ତର ପରିଚାଳନା ଅଧୀନରେ ଥିବା କଣ୍ଟିଲୋସ୍ଥିତ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉ ମନ୍ଦିରର ବିଭିନ୍ନ ପୂଜାନୀତି ତଥା ଶୃଙ୍ଖଳିତ ପରିଚାଳନା ପାଇଁ ରାଜ୍ୟ ଦେବୋତ୍ତର କମିଶନରଙ୍କ ଦ୍ୱାରା ଏକ କମିଟି ଗଠନ କରାଯାଇଥାଏ। ଏହିକ୍ରମରେ ନୟାଗଡ଼ ଦେବୋତ୍ତର ଇନ୍ସପେକ୍ଟରଙ୍କ ରିପୋର୍ଟକ୍ରମେ ଦେବୋତ୍ତର କମିଶନର ଓଡ଼ିଶାଙ୍କ କାର୍ଯ୍ୟାଳୟ ଆଦେଶ ନଂ. ୪୩୩୮(୧୫) ଖଣ୍ଡପଡ଼ା ଦେବୋତ୍ତର ୨୭।୭।୧୭ ଅନୁଯାୟୀ, ଓ ଏଚଆରଇ ଆକ୍ଟ ୧୯୫୧ କ୍ରମେ ୧୫ ଜଣିଆ ପରାମର୍ଶଦାତା କମିଟି ନିଯୁକ୍ତି ଦେଇଥିଲେ। ଯାହାର କାର୍ଯ୍ୟାକାଳ ୨ବର୍ଷ ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ସମ୍ପୃକ୍ତ କମିଟିର କାର୍ଯ୍ୟକାଳ ୨୦୧୯ ଜୁଲାଇରେ ଶେଷ ହୋଇଯାଇଛି। ଏଯାବତ କୌଣସି କମିଟି ଗଠନ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ଦ୍ଧାରିତ ସମୟ ମଧରେ କମିଟି ଗଠନ କରାଯାଉ ନ ଥିବାରୁ ମନ୍ଦିରର ବିଭିନ୍ନ ପରିଚାଳନା ଗତ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ତେବେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଏହି କମିଟି ଗଠନ ପାଇଁ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ଅବଗତ କରାଇଥିଲେ। ସମୟ ସୀମା ସରିବାର ଦୀର୍ଘ ୨ବର୍ଷ ବିତିଗଲାଣି ମାତ୍ର ଶ୍ରୀନୀଳମାଧବ ମନ୍ଦିର ପରାମର୍ଶଦାତା କମିଟି ଗଠନ ହୋଇ ପାରି ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଶାଳ, ଶାଗୁଆନ କାଠଗଣ୍ଡି, ପଟା ଜବତ

**ଓଡଗାଁ ୬।୯ (ସ୍ୱ.ପ୍ର.)**

ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ନୟାଗଡ଼ ଡ଼ିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଓଡ଼ଗାଁ ବନ ବିଭାଗ ଖଳାବାରିରେ ଚଢାଉ କରି ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର କାଠ ଗଣ୍ଡି ଓ ପଟା ଜବତ କରିଛି। ବନ ବିଭାଗୀୟ ସୂଚନା ଅନୁସାରେ, ଓଡ଼ଗାଁ ରେଞ୍ଜର ଫାସିପଲ୍ଲୀ ବିଟ୍ ଅନ୍ତର୍ଗତ ମଗରବନ୍ଧ ପଞ୍ଚାୟତ ଜିରୀପଡା ଗ୍ରାମର ଏକ ଖଳାବାରିରେ ସୋମବାର ସକାଳେ ଚଢ଼ାଉ କରିଥିଲେ। ଚତୁରତାର ସହ କଦଳୀ ବୁଦାମୂଳେ ଲୁଚାଇ ରଖାଯାଉଥିବା ୬ ଖଣ୍ଡ ଶାଳଗଣ୍ଡି, ୭ ଶାଳ ସାଇଜ ଓ ୫୦ ଖଣ୍ଡ ଶାଗୁଆନ ପଟା ଜବତ କରାଯାଇଛି। ଗ୍ରାମବାସୀ ଭୟରେ ସମ୍ପୃକ୍ତ ଖଳାବାରି ମାଲିକଙ୍କ ନାମ ପ୍ରକାଶ କରୁ ନ ଥିବାରୁ ବନ ବିଭାଗ ଏକ ମାମଲା ରୁଜୁ କରିଛି। ଏଥିସହ ଜମି ମାଲିକଙ୍କ ସମ୍ପର୍କରେ ରାଜସ୍ୱ ବିଭାଗ ସହଯୋଗରେ ଚିହ୍ନଟ କରିବାକୁ ଉଦ୍ୟମ କରିଥିବା ରେଞ୍ଜର ସୂଚନା ଦେଇଛନ୍ତି। ରେଞ୍ଜର ଅମ୍ରିତ କୁମାର ସାହୁ, ବନପାଳ ସନ୍ଧ୍ୟାରାଣୀ ନାୟକ, ସାକେରୀ ବନରକ୍ଷୀଙ୍କ ସହ ନୟାଗଡ ପାଟ୍ରୋଲିଂ ପାର୍ଟି ଚଢ଼ାଉରେ ସାମିଲ ହୋଇଥିଲେ।



ବନ ବିଭାଗ ପକ୍ଷରୁ ଜବତ କରାଯାଇଥିବା କାଠ।

# ବାପାକୁ ମାଡ଼ ମାରିବା ଅଭିଯୋଗରେ ପୁଅ ଗିରଫ

**ଖଣ୍ଡପଡ଼ା,୬।୯(ସ୍ୱ.ପ୍ର.)**

ଖଣ୍ଡପଡା ଥାନା ଅଧୀନ ବେଣାଗାଡିଆ ଗାଁରେ ଜଣେ ବୃଦ୍ଧ ବାପାକୁ ମାଡ ମାରି ରକ୍ତାକ୍ତ କରିଥିବା ଅଭିଯୋଗରେ ପୁଅଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ବେଣାଗାଡିଆ ଗାଁର ନିରଞ୍ଜନ ଦାସ(୬୨)ଙ୍କୁ ତାଙ୍କ ପୁଅ ରବୀନ୍ଦ୍ର ଠିକ୍ ଭାବେ ଖାଇବାକୁ ନ ଦେଇ ହଇରାଣ କରିଥାନ୍ତି।

କୌଣସି କାରଣକୁ କେନ୍ଦ୍ରକରି ବାପା ପୁଅ ମଧରେ ରବିବାର ପାଟିତୁଣ୍ଡ ହେବା ପରେ ରବୀନ୍ଦ୍ର ତାଙ୍କ ବାପାଙ୍କୁ ମାଡ ମାରିବା ଯୋଗୁ ତାଙ୍କର ମୁଣ୍ଡ ଫାଟି ଯିବା ସହ ଆଖିପତାରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ଏ ସମ୍ପର୍କରେ ନିରଞ୍ଜନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୧୭୨/୨୧ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ବିଶ୍ୱଜିତ ରାଉତରାୟ କହିଛନ୍ତି।

# ରାକେଶିଆ : ଲଗାଣ ବର୍ଷାରେ ଘରେ ପଶିଲା ପାଣି

**ଖଣ୍ଡପଡ଼ା,୬।୯(ସ୍ୱ.ପ୍ର.)**

ରବିବାର ରାତିରୁ ଲଘୁଚାପ ଜନିତ ଲଗାଣ ବର୍ଷାରେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ତେବେ ସୋମବାର ଦିନ ତମାମ ବର୍ଷା ଲାଗି ରହିଥିବାରୁ ଖଣ୍ଡପଡା ବ୍ଲକ ଗଡିଆସାହି ଅଧୀନ ରାକେଶିଆ ଗାଁର ୨ ନମ୍ବର ୱାର୍ଡରେ ପାଣି ପଶିଛି। ଗାଁର ଗଙ୍ଗାଧର ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ବିରଞ୍ଚି ସ୍ୱାଇଁଙ୍କ ସମେତ ମୁଣ୍ଡିଆ ପାର୍ଶ୍ୱ ସାହିର ୩୦/୪୦ ପରିବାରଙ୍କ ଘର ମଧକୁ ପାଣି ପଶି ସମସ୍ୟା ସୃଷ୍ଟି କରଛି। ଯାତ୍ରାପଡିଆ ଓ ଅଙ୍ଗନୱାଡି ନିକଟରେ ପ୍ରବଳ ବର୍ଷା ପାଣି ଯାଇ କ୍ଷୟକ୍ଷତି ଘଟାଇଥିବା ସରପଞ୍ଚ ବିପିନ ସାମଲ ସୂଚନା ଦେଇଛନ୍ତି। କେତେଜଣ ଲୋକଙ୍କ ଘରେ ବର୍ଷା ପାଣି ପଶି ସମସ୍ୟା ସୃଷ୍ଟି କରିଥିବା ଜଣାପଡିଛି। ବର୍ଷା ଫଳରେ ରାକେଶିଆ ଗ୍ରାମ ଦାଣ୍ଡରେ ବର୍ଷାପାଣି ଲହଡି ମାରିବା ସହ ଉଦ୍‌ବୃତ ପାଣି ଲୋକମାନଙ୍କ ଘରେ ପଶିଥିବା ଅଭିଯୋଗ ହୋଇଛି। ତେବେ ଦିନତମାମ ବର୍ଷା ଲାଗି ରହିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚି ନାହାନ୍ତି। ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ଅରୁଣୀମା ସାହୁଙ୍କୁ ପଚାରିବାରେ ସରପଞ୍ଚ ସାମଲଙ୍କୁ ଅଞ୍ଚଳରେ ରନ୍ଧା ଖାଦ୍ୟ ସହ ଆବଶ୍ୟକ ସାହାଯ୍ୟ ସହଯୋଗ କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି।



ବର୍ଷାଜଳ ଗାଁ ଦାଣ୍ଡରେ ଚାଲିଥିବା ବେଳେ ଘରେ ପଶିଛି।

# ଭ୍ରୂଣହତ୍ୟା ଉପରେ ଲାଗୁନି ରୋକ୍

**ବିନା ପ୍ରେସକ୍ରିପ୍‌ଶନରେ ବିକ୍ରି ହେଉଛି ଗର୍ଭପାତ ମେଡିସିନ୍**

**ନୟାଗଡ ଅଫିସ,୬।୯**

ନୟାଗଡ ଜିଲାରେ ଭ୍ରୂଣହତ୍ୟାରେ ରୋକ ଲାଗି ପାରୁନି। ବିନା ପ୍ରେପକ୍ରିପଶନରେ ଜିଲାର ବିଭିନ୍ନ ଔଷଧ ଦୋକାନରେ ବିକ୍ରି ହେଉଛି ଗର୍ଭପାତ ମେଡିସିନ୍। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ରୋକ୍ ଲଗାଯାଉନି। ଅନ୍ୟପକ୍ଷେ ଏ ନେଇ ତଦନ୍ତ ମଧ ହେଉନି। କେତେଜଣ ଔଷଧ ଦୋକାନୀ ଗର୍ଭପାତ ମେଡିସିନ ଦେଇ ଗର୍ଭପାତ କରାଉଥିବା ଅଭିଯୋଗ ରହିଛି।

### ବାଇକ୍‌ରେ ଆସି କରୁଛନ୍ତି ଗର୍ଭପାତ

ଭ୍ରୂଣହତ୍ୟା ନେଇ ଧରପଗଡ଼ ଆରମ୍ଭ ପରେ କେତେଜଣ ବ୍ୟକ୍ତି ବାଇକ୍ ଯୋଗେ ଆସି ଗର୍ଭପାତ କରାଇ ଯାଉଛନ୍ତି। ଘର ଭିତରେ ଭ୍ରୂଣହତ୍ୟା କରାଯାଉଛି। ଏଥିପାଇଁ କେତେଜଣ ଲୋକ ନିୟୋଜିତ ହୋଇଛନ୍ତି। ଲିଙ୍ଗ ଚୟନ ଓ ଭ୍ରୂଣ ନଷ୍ଟ କରିବାର ଜଣାପଡିଲେ କେତେଜଣ ଅଜଣା ଲୋକ ଆସି ତ୍ୱରିତ ସେବା ଦେଇ ଚାଲି ଯାଉଛନ୍ତି। ତେବେ ପୂର୍ବରୁ ଲିଙ୍ଗ ଚୟନ କାର୍ଯ୍ୟ ଶେଷ କରି ଦିଆଯାଉଛି। ପୁଣି ଭ୍ରାମ୍ୟମାଣ ଗାଡି ଏବେ କାଁ ଭାଁ ଆସୁଛି। ଭ୍ରାମ୍ୟମାଣ ଗାଡିରେ ଲିଙ୍ଗ ଚୟନ ସହ ଗର୍ଭ ନଷ୍ଟ କରାଇବାର ବ୍ୟବସ୍ଥା ରହିଛି।

### ଅନଭିଜ୍ଞ କରୁଛନ୍ତି ଅଲଟ୍ରାସାଉଣ୍ଡ ପରୀକ୍ଷଣ

ଗାଇନିକ୍, ସର୍ଜରୀ, କ୍ୟାନସର ପରି ରୋଗର ଅଲଟ୍ରାସାଉଣ୍ଡକୁ କେତେଜଣ ଅନଭିଜ୍ଞ ଲୋକ ନୟାଗଡ଼ରେ କରୁଛନ୍ତି ବୋଲି ଅଭିଯୋଗ ଉଠିଛି। ଏଣୁ ରିପୋର୍ଟ ଭୁଲ ଭାଲ ଆସୁଛି। ରେଡିଓଲୋଜିଷ୍ଟ, ଓଜି ସ୍ପେଶାଲିଷ୍ଟ, ୬ମାସ ତାଲିମ ନେଇଥିବା ଏମ୍‌ବିବିଏସ୍ ଡାକ୍ତର ଅଲଟ୍ରାସାଉଣ୍ଡ କରିପାରିବେ। କିନ୍ତୁ ଅଲଟ୍ରାସାଉଣ୍ଡ ସେଣ୍ଟର ଖୋଲିବା ପରେ ଧରପଗଡ ନ ଥିବାରୁ ଅନଭିଜ୍ଞ ଲୋକ ଏହି କାର୍ଯ୍ୟ କରୁଥିବା କୁହାଯାଉଛି। ଏ ନେଇ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି। ଅନ୍ୟପକ୍ଷେ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବା ଦରକାର ବୋଲି କୁହାଯାଉଛି।